# Akashvani, Sambalpur

## SAMBALPURI NEWS BULLETIN

### 30 August 2025 - 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ବିକଶିତ ଓଡ଼ିଶା ସମ୍ମିଳନୀ     I&PR

ଦେଶର୍ ୫ ଟା ଶ୍ରେଷ୍ଠ ବିକଶିତ ରାଜ୍ୟ ଭିତ୍‌ରେ ଓଡ଼ିଶାକେ ରଖିବାର୍‌ଟା ରାଜ୍ୟ ସର୍‌କାର୍‌ଙ୍କର୍ ଲକ୍ଷ୍ୟ ରହିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଉ ଲଘୁ ଉଦ୍ୟୋଗ୍ ଭାରତୀ ତର୍‌ଫୁ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ବିକଶିତ ଓଡ଼ିଶା ସମ୍ମିଳନୀଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, କୃଷି, ଶିଳ୍ପ ଆଉ ସାମାଜିକ୍ ବିକାଶ୍ ବିକଶିତ୍ ଓଡ଼ିଶାର୍ ମୁଖ୍ୟ ଆଧାର୍ ହେବା । ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ଆମ୍‌କୁ ସବୁ କ୍ଷେତ୍ରଥି ଦକ୍ଷତା ହାସଲ୍ କର୍‌ବାର୍‌କେ ପଡ଼୍‌ବା । ୨୦୪୭ ବେଲ୍‌କେ ଓଡ଼ିଶା ନ ସହରୀକରଣ୍ ୬୦ ପ୍ରତିଶତ୍ ହେବା । ଖଣିଜ ସମ୍ପଦ୍‌ର ବେଭାର୍ କରିକରି ରାଜ୍ୟକେ ଶିଳ୍ପ ସମୃଦ୍ଧ କର୍‌ବାର୍ ସହେତେ ଉତ୍ପାଦନର୍ କେନ୍ଦ୍ର ସ୍ଥଲ୍ କର୍‌ବାର୍ ଚେରେଷ୍ଟା ଜାରି ରହିଛେ ବଲି 'ଓଡ଼ିଶାର ଅଭିବୃଦ୍ଧି ଇଞ୍ଜିନକୁ ସଶକ୍ତ କରିବା' ଶୀର୍ଷକ୍ ଆଲୋଚନାଚକ୍ରଥି ଭାଗ୍ ନେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ।

ଅପରେସନ୍ ପ୍ରହାର୍ I&PR

ରାଏଜେ ଡ୍ରଗ୍ସ ଆଉ ଅଲ୍‌ଗା ନିଶା ଦରବ୍ ବେଭାର୍, ଚୋରା ଚାଲାଣ୍ ଆଉ ବିକ୍ରିକେ ଆଏତ୍ କର୍‌ବାର୍ ଲାଗି ପ୍ରଶାସନ୍ ତର୍‌ଫୁ ସେପ୍ଟେମ୍ବର୍ ୧ ତାରିଖ୍ ଆଏବା ସୋମ୍‌ବାର୍ ନୁ ଅପରେସନ୍ ପ୍ରହାର୍ ମୁଲ୍ କରାଯିବା । ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ଗୁଟେ ଉଚ୍ଚସ୍ତରୀୟ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଅପରେସନ୍ ପ୍ରହାର୍ ଜରିଏ ସାରା ରାଏଜେ ନିଶା କାର୍‌ବାର୍ ଆଉ ନିଶା ବେଭାର୍‌କେ ନେଇକରି ଧରପଗଡ଼୍ କରାଯିବା । ନିଶା ନିବାରଣ୍ ଲାଗି ଫିଁ’ ଜିଲ୍ଲା ନ ଗୁଟେ ଲେଖା ମୋଡ଼େଲ୍ ନିଶା ନିବାରଣ କେନ୍ଦ୍ର ଥାପ୍‌ନା କରାଯିବା । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ନିଶା ନିବାରଣ ଆଉ ନିଶା ବେପାରୀଙ୍କୁ ଧର୍‌ବାର୍ ଲାଗି ଖାସ୍ ରଣନୀତି ଅପ୍‌ନାବାର୍ ସହେତେ ପ୍ରଯୁକ୍ତି ବିଦ୍ୟାର୍ ବେଭାର୍ କର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏବା କାଏଲ୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ସଂସଦ୍ ଭବନ୍- ରଥ ଚକା ଥାପ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ସଂସଦ୍ ଭବନ୍ ନ ଖୋବ୍ ଜଲ୍‌ଦି ପୁରୀ ରଥ୍‌ଯାତ୍ରାର୍ ତିନ୍‌ହି ରଥର୍ ଚକା ଥାପ୍‌ନା କରାଯିବା । ଗଲାକାଏଲ୍ ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲା ଶ୍ରୀମନ୍ଦିର୍‌କେ ଦର୍ଶନ୍ ଲାଗି ଯାଇଥିବାର୍ ବେଲେ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଇ ବାବ୍‌ଦେ ତାଙ୍କୁ ପ୍ରସ୍ତାବ୍ ଦିଆଯାଇଥିଲା । ବାଚସ୍ପତି ଶ୍ରୀ ବିର୍ଲା

ପ୍ରସ୍ତାବ୍ ଗ୍ରହଣ୍ କର୍‌ବାର୍ ସହେତେ ଖୋବ୍ ଜଲ୍‌ଦି ଇ ଦିଗେ ପଦକ୍ଷେପ୍ ନିଆଯିବା ବଲି ଶ୍ରୀମନ୍ଦିର୍ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ସୂଚ୍‌ନା ଦେଇଛନ୍ ।

ଜାତୀୟ ସମ୍ମିଲନୀ I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଚାଲିଥିବା ୨ ଦିନିଆ ସଂସଦ୍ ଆଉ ରାଜ୍ୟ ବିଧାନ୍‌ସଭାର୍ ଅନୁସୂଚିତ ଜାତି ଆଉ ଜନଜାତି କଲ୍ୟାଣ୍ ଜାତୀୟ ସମ୍ମିଲନୀ ଆଏଜ୍ ଉଦ୍‌ଯାପିତ୍ ହେବା । ଉଦ୍‌ଯାପନୀ ଅଧିବେଶନ୍‌ଥି ରାଜ୍ୟସଭା ଉପାଧକ୍ଷ ହରିବଂଶ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ବିଧାନ୍‌ସଭା ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଉ ଅଲ୍‌ଗା ମନ୍ତ୍ରୀମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଶ୍ରୀଲଙ୍କା ଅଧିକାରୀ ଗସ୍ତ I&PR

ଓଡ଼ିଶା ଗସ୍ତଥି ଆସିଥିବା ଶ୍ରୀଲଙ୍କାର୍ ଅଧିକାରୀମାନେ ଗସ୍ତର୍ ଶେଷ୍ ଦିନେ ଗଲାକାଏଲ୍ ଚିଲିକା ବୁଲିଥିଲେ । ସୂଚ୍‌ନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ସବୁ ଅଧିକାରୀ ଆଉ ବୈଦେଶିକ୍ ମନ୍ତ୍ରଣାଲୟର୍ ଅଧିକାରୀମାନ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା । ଓଡ଼ିଶା ଗସ୍ତ ସମିଆଥି

ରାଜ୍ୟବାସୀଙ୍କର୍ ଅତିଥି ସତ୍କାର୍, ଖାନ୍‌ପାନ୍, କଳା ସଂସ୍କୃତି ଆଉ ଐତିହ୍ୟକେ ନେଇକରି ଶ୍ରୀଲଙ୍କା ଅଧିକାରୀମାନେ ଖୋବ୍ ପ୍ରଶଂସା କରିଥିଲେ । ଇ ଅବ୍‌ସରେ ଭାରତୀୟ ସଂସ୍କୃତି, ଲୁକ୍‌କର୍ ଫି'ଦିନିଆ ଜୀବନ୍, ବିପତି ସମିଆଥି କାମ୍ କର୍‌ବାର୍ ଶୈଳୀ ବାବ୍‌ଦେ ବହୁତ୍ କିଛି ଶିଖିପାରିଛନ୍ ବଲି ଅଧିକାରୀମାନେ କହିଛନ୍ ।

ଅଭିଲେଖାଗାର-ଆଲୋଚାଚକ୍ର I&PR

ଓଡ଼ିଶା ରାଜ୍ୟ ଅଭିଲେଖାଗାର ଠାନେ ୮୭ ତମ ସଂସ୍କୃତି ଚର୍ଚ୍ଚା ସମାରୋହ ହେଇଯାଇଛେ । ଇ ଅବ୍‌ସରେ ଓଡ଼ିଆ ଅସ୍ମିତାର୍ ଅନ୍ତଃସ୍ୱର ଶୀର୍ଷକ୍ ଗୁଟେ ଆଲୋଚାଚକ୍ର ହେଇଥିଲା । ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର୍ ଆଉ ଲେଖକ ପ୍ରଫେସର୍ ଦେବେନ୍ଦ୍ର ନାଥ ରାଉତ୍ ଯୋଗ୍ ଦେଇକରି ଓଡ଼ିଶାର୍ ବରପୁତ୍ର ମାନ୍‌କର୍ ଜୀବନୀ ଉପ୍‌ରେ କହିଥିଲେ ।

ପଥ ଉତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ସହରେ ଆଏଜ ପଥ ଉତ୍ସବ୍ ଆୟୋଜନ୍ କରାଯାଇଛେ । ସମଲେଶ୍ୱରୀ ମନ୍ଦିର୍ ପାଖେ ଥିବା ରିଭର୍‌ଫ୍ରଣ୍ଟ୍ ନ ସଖାଲର୍ ୬ ବଜେନୁ

ଯୋଗ, ଜୁଆ, ଝୁଁଟି, ରଙ୍ଗୋଲି ସହେତେ ଖାଦ୍ୟ ପସ୍‌ରା ଭିଲ୍ ଲାଗିଛେ ।

ସାଫ୍ ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ ଆର୍‌ଏନ୍‌ୟୁ/ ସମ୍ବଲପୁର

୧୭ ବଛର୍‌ନୁ କମ୍ ସାଫ୍ ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍‌ଥି ଭାରତ୍‌ର ମହିଳା ଦଲ୍ ଚାମ୍ପିଅନ୍ ହେଇଛେ । ଭୁଟାନ୍ ନ ଚାଲିଥିବା ଚାମ୍ପଅନ୍‌ସିପ୍‌ଥି ଗଲାକାଏଲ୍ ଭାରତ୍ ୫-ଶୂନ୍ ଗୋଲ୍‌ଥି ନେପାଲ୍‌କେ ହରେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ଉତର୍ ଓଡ଼ିଶା ଉପକୂଲ ନ ଗୁଟେ ଘୂର୍ଣ୍ଣିବଲୟ ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା କାଏଲ୍‌ଠାନୁ ସେପ୍ଟେମ୍ବର୍ ୩ ତାରିଖ୍‌ତକ୍ ରାଜ୍ୟର୍ ବଡ଼୍‌ଭାଗି ଜାଗା ନ ଜବର୍ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ୨୦ ଟା ଜିଲ୍ଲା ନ ଚଡ଼କ୍ ମାର୍‌ବାର୍ ସହେତେ

ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ସବୁଯାକ ଗେଟ୍ ଗଲାକାଏଲ୍ ବନ୍ଦ୍ କରାଯାଇଛେ ।